ତପନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ

ଧାମନଗର,୧୨ । ୩: ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅଧିନସ୍ଥ ଇଛଦା ବାବା ତପନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ମହା ଶିବରାତ୍ରି ଉପଲକ୍ଷେ ତପନେଶ୍ୱର ପୂଜା କମିଟି ଆନୁକୁଲ୍ୟରେ ଗତ ୪ ଦିନ ଧରି ଚାଲିଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ରବିବାର ସନ୍ଧ୍ୟାରେ ଉଦଯାପନୀ ଉତ୍ସବ ପାଳିତ ହୋଇଯାଇଛି । ବାବା ତପନେଶ୍ୱର କଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସମ୍ପାଦକ ବିରେନ୍ଦ୍ର କୁମାର ଜେନାଙ୍କ ପୌରହିତ୍ୟରେ କମିଟିର ବରିଷ୍ଠ ଉପଦେଷ୍ଟା ତଥା ସଦସ୍ୟ ଆନନ୍ଦ ସ୍ୱାଇଁ,ମକର ନାୟକ,ନାରାୟଣ ତ୍ରୀପାଠୀ,ପ୍ରସନ୍ନ ତ୍ରିପାଠୀ,ହୃଷୀକେଶ ଦାଶ,ରମାକାନ୍ତ ଜେନା,ଶୈଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରଥମେ ଗୁରୁବାର ମହାଦେବ ଙ୍କ ଶିବାଭିଶେକ୍ ପୂଜାର୍ଚ୍ଚନା ର ଆୟୋଜନ ହେଇଥିବା ବେଳେ ଶୁକ୍ରବାର ଅର୍ଥା୍ ବାବାଙ୍କ ଜାଗର ଉତ୍ସବ ପାଳିତ ହେବାପରେ ସନ୍ଧ୍ୟାରେ କଟକରୁ ଆସିଥିବା ହରି ଓଁ ଭଜନ ସନ୍ଧ୍ୟା ପରିବାର ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସେହିପରି ଶନିବାର ସନ୍ଧ୍ୟାରେ କଟକରୁ ଆସିଥିବା ପ୍ରବଚକ୍ ପଣ୍ଡିତ ଗଦାଧର ଦାସ ଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯାଇଥିବା ବେଳେ ପରଦିନ ଅର୍ଥାତ ରବିବାର ସଂଧ୍ୟାରେ ମାଳିକା ପ୍ରାର୍ଥନା ଚ୍ୟାନେଲର ପ୍ରବଚକ ପ୍ରମୋଦ କୁମାରଙ୍କ ଦ୍ୱାରା ପ୍ରବଚନ ପରିବେଷଣ ହୋଇଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ କୁନି କୁନି ପିଲା ମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗ ନେଇଥିବା ସମସ୍ତ କୁନି କୁନି ପିଲା ମାନଙ୍କୁ କମିଟିର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ଦାସ ଏବଂ ରମାକାନ୍ତ ଜେନା ପ୍ରମୁଖ ଟ୍ରଫି ପ୍ରଦାନ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ତପନେଶ୍ୱର ପୂଜା କମିଟି ବହୁ ବର୍ଷ ଧରି ବାବାଙ୍କ ଐତିହ୍ୟକୁ ବଜାଇ ରଖିବା ସହ ଗତ ଚାରି ଦିନ ଧରି ତପନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତ୍ୟେକ ଦିନ ଗ୍ରାମ ତଥା ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା ।

ବୁଗୁଡ଼ାରେ ମହିମା ଧର୍ମାଶ୍ରମ ପ୍ରତିଷ୍ଠା

ବୁଗୁଡା, ୧୨ । ୩: ସ୍ଥାନୀୟ ଯୁଧିଷ୍ଠିର ନଗରଠାରେ ନବ ନିର୍ମିତ ମହିମା ଧର୍ମାଶ୍ରମ ପ୍ରତିଷ୍ଠା ଏବଂ ବିଶ୍ୱଶାନ୍ତି ନିମିତ୍ତ ଅଖଣ୍ଡ ଜ୍ୟୋତି ଅର୍ପଣ ବ୍ରହ୍ମଧୁନି ସ୍ଥାପନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଷ୍ଠା ଉତ୍ସବ ଅବସରରେ ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ଅଖଣ୍ଡ ଜ୍ୟୋତି ଅର୍ପଣ ଓ ବ୍ରହ୍ମଧୁନିରେ ଘୃତାହୁତି , ବ୍ରହ୍ମନାମ ଭଜନ ଓ ବାଲ୍ୟ ଲୀଳା ଅର୍ପଣ କାର୍ଯ୍ୟକ୍ରମ ସହିତ ସାନ୍ଧ୍ୟ କାଳରେ ଆଧ୍ୟାତ୍ମିକ ଧର୍ମସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୋରନ୍ଦା ଗାଦିରୁ ଆସିଥିବା ବକଳଧାରୀ ବାବା ବ୍ରହ୍ମ ଅବଦୂତ , ସାଧୁ ପ୍ରସନ୍ନ କୁମାର ଦାସ , ମୁରଲୀଧର ଦାସ , ଅନାମ ଚରଣ ଦାସ , ବେଣୁଧର ଦାସ , ଶ୍ୟାମ ସୁନ୍ଦର ଦାସ , ସନ୍ତୋଷ ଦାସ , ସୁଦର୍ଶନ ଦାସ , ସୁଜନ ଦାସ , ଅନାଦି ଦାସ , ନିରଞ୍ଜନ ଦାସ ଓ ଗୌତମ ଦାସଙ୍କ ସମେତ ଅନ୍ୟାନ୍ୟ ସାଧୁଗଣ ଉପସ୍ଥିତ ରହିଥିଲେ ।

ଗାଁସାଥୀଙ୍କୁ ନ୍ୟାୟ ନଦେବା ପ୍ରତିବାଦରେ ସଂଘ ତରଫରୁ ଶତାଧିକ ସଂଖ୍ୟାରେ ଆମରଣ ଅନଶନ ଓ ଅଭିନବ ଧାରାରେ ଶୋଭାଯାତ୍ରା

ଭୁବନେଶ୍ୱର,୧୨ । ୩: ଅଦ୍ୟାବଧି ପ୍ରାୟ ସମସ୍ତ ଗଣସଂଗଠନର ଅଧିକାଂଶ ଦାବିକୁ ରାଜ୍ୟ ସରକାର ପୂରଣ କଲେଣି, ମାତ୍ର ପ୍ରତିଶ୍ରୁତି ଦେଇଥିଲେ । ଚଳିତ ଫେବୃୟାରୀରେ ବିଧାନସଭାରେ ଉଭୟ ବିରୋଧିଦଳ ତରଫରୁ ଜୋରଦାର ସ୍ୱର ଉତ୍ତୋଳନ ବି ହେଲା । ସରକାର ପ୍ରତିଶ୍ରୁତି ରକ୍ଷା କଲେ ନାହିଁ, କିମ୍ବା ବିରୋଧିଦଳଙ୍କୁ ମଧ ସମ୍ମାନ ଜଣାଇ ଆମର ମାସିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ଅଦ୍ୟାବଧି ପ୍ରଦାନର ପ୍ରଶାସନିକ ବ୍ୟବସ୍ଥା ହେଲାନାହିଁ । ଏହାର ପ୍ରତିବାଦରେ ବିଧାନସଭା ଆଗ ଲୋୟର ପିଏମ୍‌ଜିର ଧାରଣାସ୍ଥଳରେ ସଂଘର ରାଜ୍ୟ ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରଥମେ ମାର୍ଚ୍ଚ-୭ ତାରିଖରୁ ରାଲି ଅନାଶନ ଓ ପରେ ମାର୍ଚ୍ଚ ୧୦ ତାରିଖ ଦିବା ୧୧ ଘଟିକାରୁ ଶତାଧିକ ସଂଗଠକ ଆମରଣ ଅନଶନ ଜାରି ରଖିଛନ୍ତି । ଏହା ସହିତ ମାର୍ଚ୍ଚ-୧୧ ତାରିଖ ପୂର୍ବାହ୍ନରେ ଶ୍ରୀ ଲକ୍ଷ୍ମୀଧର ବିଶାଳଙ୍କ ନେତୃତ୍ୱରେ କିଛି ନିଆରା ଧାରାରେ ଏକ ରାଲି କରି ପୋଲିସ୍ ବାରିକେଡ୍ ଆଡକୁ ଆସିଥିଲେ । ଆଜି ସନ୍ଧ୍ୟାସୁଦ୍ଧା ସରକାର ଗାଁସାଥୀ (ମେଟ୍)ଙ୍କ ଦାବି ପୂରଣ ନକଲ ସେମାନେ ସେମାନଙ୍କ ପ୍ରତି ହୋଇଥିବା ପ୍ରଶାସନିକ ଅବିଚାର ବାବଦରେ ସାର ଓଡ଼ିଶାର ପ୍ରତିଟି ପରିବାର ପାଖରେ ଲିଫ୍‌ଲେଟ୍ ଜରିଆରେ ଜନଜାଗରଣ କରି ଏହି ନିଯୁକ୍ତି ବିରୋଧି ସରକାରର ଅସଲ ମୁଖା ଖୋଲିବେ ବୋଲି ଉକ୍ତ ସଂଘର ଶତାଧିକ ସଂଗଠକ ମିଳିତ ଭାବେ ଗଣମାଧମକୁ ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମର ସଂଘର ରାଜ୍ୟ, ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସଂଗଠକମିଶି ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟା ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଏହି ଯେ, ଖାଦ୍ୟ ଭାବରୁ ଘାସ ଖାଇ ପ୍ରତିବାଦ କରୁଥିଲେ ଅନେକ ଭାଇ ଭଉଣୀ । କାରଣ ସବୁ ସଂଘକୁ ମଣିଷ ଭାବି ପେଟକୁ ଦାନା ଦେଲେ, ମାତ୍ର ଗାଁସାଥୀ (ମେଟ୍)ଙ୍କୁ ପଶୁ ବୋଲି ଭାବି ଦାନା ନ ମିଳିବାରୁ ସେହି ପଶୁଙ୍କର ଅର୍ଥାତ୍ ଗୋମାତାର ସାତ୍ତ୍ୱିକ ଖାଦ୍ୟ ଖାଇ ସଂଘ ଆଜି ଏପରି ଅଭିନବ କାର୍ଯ୍ୟକ୍ରମ କରୁଥିଲେ । ଏଠାରେ ପ୍ରକାଶଯୋଗ୍ୟ ଏହି ଯେ, ଗତକାଲି ଆମରଣ ଅନଶନ କରିଥିବା ଶତାଧିକ ଗାଁସାଥୀ (ମେଟ୍)ଙ୍କ ମଧ୍ୟରୁ ଅଦ୍ୟାବଧି ୧୧ଜଣ ବ୍ୟକ୍ତି ଏବେ ଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ସେମାନେ ହେଲେ - ଗାଁସାଥୀଙ୍କ ଜଣେ ବୟସ୍କ ଉପଦେଷ୍ଟା ଜଳଧର ଓଝା, ମମତା ନାୟକ, ତଇଳ ନାୟକ, ଯଜ୍ଞସେନା ମଣ୍ଡଳ, ସତ୍ୟସୁନ୍ଦର ପତି, ମନୋଜ ସୁତାର, ନୟନା ନାୟକ, କିଶୋର ପ୍ରଧାନ ଓ ଅନ୍ୟ ୨ଜଣ । ସଂଘ ତରଫରୁ ଘରେ ଥିବା ସାରା ଓଡ଼ିଶାର ଗାଁସାଥୀ (ମେଟ୍) ମାନେ ଭୁବନେଶ୍ୱର ଆନ୍ଦୋଳନ ସ୍ଥଳକୁ ଆସିବା ପାଇଁ ସଂଘ ଆହ୍ୱାନ ଜଣାଇଛି ।

ଇଣା ଜରିପାଟଣା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଓ ମିଶନ ଶକ୍ତି ଗୃହ ଉଦ୍‌ଘାଟନ

ଭୁବନେଶ୍ୱର,୧୨ । ୩:ଭୁବନେଶ୍ୱର ଉପକଣ୍ଠ ଇଣା ପଞ୍ଚାୟତରେ ମିଶନ ଶକ୍ତି ଗୃହର ଶୁଭ ଉଦଘାଟନ ଓ ଇଣା ଜରିପାଟଣା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ହେମନ୍ତ ପରିଡା ଓ ସମିତି ସଭ୍ୟା ମମିତା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଇଣା ପଞ୍ଚାୟତରେ ନବ ନିର୍ମିତ ମିଶନ ଶକ୍ତି ଗୃହର ଶୁଭ ଉଦଘାଟନ କରିବା ସହିତ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଇଣା ଜରିପାଟଣା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ବବିତା ରାଉତ, କର୍ପୋରେଟର ମିହିର କୁମାର ରାଉତ, ଗ୍ରାମ ସଭାପତି ପ୍ରଦୀପ ଦାସ, ଯୁବ ସଭାପତି ବିରେନ୍ଦ୍ର ଜେନା ପ୍ରମୁଖ ଯୋଗଦାନ କରିଥିଲେ । ଇଣା ଗ୍ରାମ କମିଟି ପକ୍ଷରୁ ରାସ୍ତାର ପ୍ରଶସ୍ତିକରଣ ପାଇଁ ବାରମ୍ବାର ଦାବି ହୋଇଆସୁଥିଲା । ଦୀର୍ଘ ଦିନ ପରେ ଉତ୍ତର ବିଧାୟକଙ୍କ ପଦକ୍ଷେପ ହେତୁ ଏହା ସମାଧାନ ହୋଇଥିବାରୁ ଗ୍ରାମ କମିଟି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ଓ ସରପଞ୍ଚଙ୍କୁ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ ଗ୍ରାମର ମୁରବି, ଏସଏଚଜି ମହିଳା, ଯୁବ, ଛାତ୍ର ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ସେହିପରି ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଡାଓ୍ୱା, କଳାଝରୀ, ଓସ୍ତପଡା, କଲ୍ୟାଣପୁର ଗ୍ରାମ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

କଂଗ୍ରେସରେ ଯୋଗଦେଲେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଓ ବରିଷ୍ଠ ସାମ୍ବାଦିକ ଜଗଦାନନ୍ଦ ପ୍ରଧାନ

ଭୁବନେଶ୍ୱର,୧୨ । ୩:ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ବିଜେଡ଼ି ଓ ବିଜେପିର ମେଂଟ ଚର୍ଚ୍ଚା ରାଜ୍ୟ ରାଜନୀତିକୁ ସରଗରମ କରୁଥିବାବେଳେ ଓଡ଼ିଶାରେ କଂଗ୍ରେସର ହାତମୁଠା ଟାଣ ହେବାକୁ ଲାଗିଛି । ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ଏବଂ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା । ଶ୍ରୀ ଜେନା କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହେବାସହ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ପ୍ରଭାବିତ ହୋଇ ଦେଶର ସାମ୍ପ୍ରଦାୟୀକ ଶକ୍ତି ବିରୋଧରେ ଲଢ଼େଇକୁ ଶାଣିତ କରିବାପାଇଁ କଂଗ୍ରେସ ଦଳରେ ଯୋଗଦେଇ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ଓଡ଼ିଶା ଓ ଜାତୀୟ ଗଣମାଧମରେ ଦୀର୍ଘ ୩୦ ବର୍ଷ ଧରି କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଜଗଦାନନ୍ଦ ପ୍ରଧାନ ଆଜି କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଲେ । ଶ୍ରୀ ପ୍ରଧାନ ନକ୍ଷତ୍ର ନ୍ୟୁଜରେ ଡେପୁଟି ଏଡିଟର, ଇଟିଭି ଓଡ଼ିଆ, ପିଟିଆଇ, ଟାଇମ୍ସ ଅଫ ଇଣ୍ଡିଆ ଆଦି ବିଭିନ୍ନ ଗଣମାଧମରେ ବିଭିନ୍ନ ଗୁରୁଦାୟୀତ୍ୱ ପ୍ରତିପାଦିତ କରି ମିଡିଆ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଅନୁଗୁଳ ଜିଲ୍ଲାର ଲୋକମାନଙ୍କ ସମସ୍ୟାକୁ ସାମନାକୁ ଆଣିବା ସହ ନିଜକୁ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ ଶ୍ରୀ ପ୍ରଧାନ । ଶ୍ରୀ ସୁଦର୍ଶନ ଜେନାଙ୍କ ସମର୍ଥକ ରେମୁଣା ବ୍ଲକ ବିଜେଡ଼ି କମିଟି ସଦସ୍ୟ କମଳଲୋଚନ ଆଚାର୍ଯ୍ୟ, ସେକ ରାଜୁ, ଅର୍ନ୍ତଜ୍ୟାମି ପାଲ, ବିରେନ୍ଦ୍ର ପଣ୍ଡା, ପୂର୍ବତନ ଓ୍ୱାର୍ଡସଭ୍ୟ ସେକ କଲିମ, ସେକ ମୁସଲିମ, ମଲ୍ଲିକ ଜଲ୍ଲାର, ରଫିକ ଖାନ, ଆଶିଷ ଦିପାଙ୍କର ମିଶ୍ର, ପ୍ରଶାନ୍ତ କର, ଅଜିତ କୁମାର ଦାସ, ସେକ ମୁନା, ପ୍ରମୋଦ ତ୍ରିପାଠୀ, ସେକ ମନାନ, ମୁସଲିମ ଖାନ, ଶେଖ ଆଲ୍ଲା ଉଦ୍ଦିନ, ହରିଣମୟ ମିଶ୍ର, ଅସିତ ବାରିକ, ମହେନ୍ଦ୍ର ମର୍ହିଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ କଂଗ୍ରେସରେ ଯୋଗଦେଇଥିଲେ । ଏହି ମିଶ୍ରଣପର୍ବ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ, ପିସିସି ଇସ୍ତାହାର କମିଟିର ମୁଖ୍ୟ ପଂଚାନନ କାନୁନଗୋ, ପିସିସି ଗଣମାଧମ ବିଭାଗର ଅଧକ୍ଷ ଡ. ବିଶ୍ୱରନ ମହାନ୍ତି, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସଂଜୀବ ଗିରି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ପିସିସି ମୁଖପାତ୍ର ମନୋରନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ଛତ୍ରପୁର ସହରରେ
ବିଏସଏନ୍‌ଏଲ୍ ନେଟ୍‌ୱାର୍କ ସ୍ୱାଭାବିକ

ଛତ୍ରପୁର,୧୨ । ୩:ବହୁ ସଂଗ୍ରାମ ପରେ ଛତ୍ରପୁର ସହରରେ ବିଏସଏନ୍‌ଏଲ୍ ନେଟ୍‌ୱାର୍କ ସମସ୍ୟାର ସମାଧାନ ହୋଇଛି । ସ୍ଥାନୀୟ ବିଏସଏନ୍‌ଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଛତ୍ରପୁର ସହରରେ ବିଏସଏନ୍‌ଏଲ୍ ସିଗ୍ନାଲ୍ ସ୍ୱାଭାବିକ ନିମନ୍ତେ ମଝିବଜାର ସ୍ଥିତ ନୂତନ ସ୍ଥାନରେ ବିଏସଏନ୍‌ଏଲ୍ ଟାୱାର ପୁନଃ ସ୍ଥାପିତ ହୋଇଛି । ଫଳରେ ସହରରେ ୨ ଜିବିରୁ ୪ ଜିବି ଫ୍ୟାସିଲିଟି ଅପଗ୍ରେଡ୍ କରି ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ କ୍ଷେତ୍ରଗୁଡିକର ସମାଧାନ ହୋଇପାରିଛି । ପୂର୍ବରୁ ସହରରେ ନେଟ୍‌ୱାର୍କ ସମସ୍ୟା ପାଇଁ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଯୁବକ/ଯୁବତୀ ମାନେ ଅନଲାଇନରେ ବିଭିନ୍ନ ପାଠ ପାରେ ମଧ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏସଂକ୍ରାନ୍ତରେ ବିଭାଗୀୟ ଜିଏମଙ୍କଠାରୁ ଆରମ୍ଭ କରି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ସମାଧାନ କରାଯାଇଛି । ସହରର ବିଏସଏନ୍‌ଏଲ୍ ନେଟ୍‌ୱାର୍କ ସ୍ୱାଭାବିକ ସ୍ଥିତିକୁ ଫେରିଥିବା ନେଇ ଆଇନଜୀବୀ ବି.ଶ୍ରୀନିବାସ, ବ୍ୟବସାୟ ସଂଘର ସଭାପତି ସୟଦ ମୁକ୍ତାର ଓ କାଉନସିଲର କେ.ରମେଶ ପ୍ରମୁଖ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ପ୍ରସିଦ୍ଧ ଅରିଲୋ ମେଳଣ ଶାନ୍ତି କମିଟି ବୈଠକ

ଫୁଲନଖରା, ୧୨ । ୩: ସଦର ଥାନା ଅଞ୍ଚଳର ପୁରାତନ, ବୃହତ୍ତମ ତଥା ପ୍ରସିଦ୍ଧ ଏକଦିବସୀୟ ଅରିଲୋ ମେଳଣ ଆସନ୍ତା ୨୨ ତାରିଖ ରାତିରେ ଅନୁଷ୍ଠିତ ହେବ । ଏ ନେଇ ଶାନ୍ତି କମିଟିର ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ମୁରବି ଯୁଧିଷ୍ଠିର ଭୋଳଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଥିଲା । ଅରିଲୋସ୍ଥିତ ଜନାର୍ଦ୍ଦନ ଦେବଙ୍କ ପୀଠରେ ଅନୁଷ୍ଠିତ ଉକ୍ତ ବୈଠକରେ ଡଃ.ଶରତକୁମାର ରଥ, ଲଳିତକୁମାର ଦାଶ, ସୁନ୍ଦରପବିତ୍ର ଦାସ, ପର୍ଶୁରାମ ସେନାପତି, ସୁରେନ୍ଦ୍ର ମହାପାତ୍ର, ଅଶୋକ ରଥ, ବିପ୍ରଚରଣ ଭୋଳ, ବଙ୍ଗାଳି ପରିଡ଼ା, ଯଜ୍ଞେଶ୍ୱର ଶତପଥି, ବାବାଜି ମହାନ୍ତି ପ୍ରମୁଖ ବିଭିନ୍ନ ଦୋଳ କମିଟି ଅଧିକାରୀ ଓ ମହନ୍ତ ଯୋଗଦେଇ ମେଳଣ ସୁପରିଚାଳନା ନେଇ ଆଲୋଚନା କରିଥିଲେ । ଏହି ଅବସରରେ ଶରତକୁମାର ରଥଙ୍କ ସମେତ ଦୋଳ ପର୍ବ ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗୀତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀ ଶର୍ମିଷ୍ଠା ମୁଦୁଲି, ଶୁଭଲକ୍ଷ୍ମୀ ସାହୁ ଓ ଆକାଂକ୍ଷା ପ୍ରିୟଦର୍ଶିନୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷ ମେଳଣରେ ନିଶା ସେବନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲାବେଳେ ଡିଜେ ଓ ଉଚ୍ଚ ଶବ୍ଦଯୁକ୍ତ ଆତସବାଜି ବ୍ୟବହାରକୁ ପୁଲିସ ପକ୍ଷରୁ ନିଷେଧ କରାଯାଇଛି । ଆଜିର ବୈଠକକୁ ଗୋପାଳଚନ୍ଦ୍ର ମିଶ୍ର ପରିଚାଳନା କରିଥିଲାବେଳେ ଏଥିରେ ନିକଟବର୍ତ୍ତୀ ମହୀଧରପଡ଼ା, ଦଳବାଡ଼, ସାଶୋଳ, ଅରଡ଼ିଆପଦା, ଆମଣ, ସରିଚୁଆଁ, ଶଙ୍ଖତ୍ରାସ, ଧାନଘରପଡ଼ା, ନାଗବାଲି, ଜଗନ୍ନାଥପୁର, ଜୋହଳ ଆଦି ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଦୋଳ କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

ଶିଖରଚଣ୍ଡୀରେ ଯୁବ ବନ୍ଧୁ ମିଳନ ଉତ୍ସବ

ଭୁବନେଶ୍ୱର,୧୨ । ୩: ଭୁବନେଶ୍ୱରର ମା ଶୀଖରଚଣ୍ଡୀ ମନ୍ଦିରର ପାଦଦେଶରେ ୧ ଓ ୨ ନମ୍ବର ଓ୍ୱାର୍ଡର ଯୁବକ ମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାଂ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗ ଦେଇଥିଲେ । ଯୁବକ ମାନେ ଏକାଠି ରହି, ନିଜ ନିଜ ଭିତରେ ସୁସମ୍ପର୍କ ରଖି ସମାଜ ସେବାରେ ନିୟୋଜିତ ହେବାପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ । କର୍ପୋରେଟର ମିହିର କୁମାର ରାଉତ କହିଥିଲେ ୧ ଓ ୨ ନମ୍ବର ଓ୍ୱାର୍ଡର ଯୁବ ବନ୍ଧୁ ମାନେ ବିଭିନ୍ନ ପ୍ରକାର ସମାଜସେବା କାର୍ଯ୍ୟ କରି ଆସୁଛନ୍ତି । ରକ୍ତଦାନ, ବୃକ୍ଷ ରୋପଣ କରିବା ସହିତ ବନ୍ୟା, ବାତ୍ୟା ଓ ମହାମାରୀ ସମୟରେ ମୋ ସହିତ ରହି ଲୋକମାନଙ୍କର ସେବା କରିବା ସହ ସୁବିଧା ଅସୁବିଧାରେ ସାହାର୍ଯ୍ୟ ସହଯୋଗ କରିଛନ୍ତି । ଆମ ଓ୍ୱାର୍ଡରେ ସବୁଦିନ ଏପରି ଭାଇଚାରା ବଞ୍ଚିରହୁ ଓ ଯୁବ ବନ୍ଧୁମାନେ ଭଲ ପାଠ ପଢ଼ି ଉଚ୍ଚ ଶିକ୍ଷିତ ହୁଅନ୍ତୁ । ଏହି ଅବସରରେ ୧୭ ବର୍ଷରୁ ୨୩ ବର୍ଷ ମଧ୍ୟରେ ଅଧ୍ୟୟନରତ ଯୁବକ ମାନଙ୍କୁ ମାସିକ ୨ ଶହ ଟଙ୍କା ମୋବାଇଲ ରିଚାର୍ଜ ପାଇଁ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ ।

ଓଡ଼ିଶାକୁ ଗିଳିବାକୁ ବସିଛନ୍ତି ବିଜେପି ଓ ବିଜେଡିର ୧୦ ଦାନବ ସନ୍ତାନ: କଂଗ୍ରେସ

ଭୁବନେଶ୍ୱର,୧୨ । ୩: ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତା ଦଳର ଚୋରା ପ୍ରୀତି ଧରାପଡ଼ିବା ପରେ ଉଭୟ ଦଳର ବିବାହ ଉତ୍ସବ କରିଥିଲା କଂଗ୍ରେସ । ଏହି ଦୁଇ ଦଳର ମିଳନରେ ସେମାନଙ୍କ ଔରସରୁ ୧୦ ଦୁର୍ନୀତି ସନ୍ତାନ ଜନ୍ମ ହୋଇଛନ୍ତି । ସୋମବାର କଂଗ୍ରେସ ଭବନଠାରେ ଏହି ୧୦ ସନ୍ତାନଙ୍କ ଅନ୍ନପ୍ରାସନ ଉତ୍ସବ ଆୟୋଜନ କରିଛି କଂଗ୍ରେସ । ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଜେଡି ଓ ବିଜେପି ଔରସରୁ ଯେଉଁ ୧୦ ସନ୍ତାନ ଜନ୍ମ ହୋଇଛନ୍ତି ସେମାନଙ୍କ ନାମକରଣ କରାଯାଇଛି । ସେମାନେ ହେଲେ ଚିଟ୍‌ଫଣ୍ଡ ଦୁର୍ନୀତି ଶିଶୁ, ଖଣି ଦୁର୍ନୀତି ଶୁଶୁ, ଗୁଣ୍ଡା ଶିଶୁ, ମାସ୍କ ସ୍କାମ ଶିଶୁ, ତାମିଲ ଶିଶୁ, ଜମି ହଡ଼ପ ଶିଶୁ, ଜବ୍ ଜୁମ୍‌ଲା ଶିଶୁ, ସରକାରୀ ଚାକିରି ବିକ୍ରି ଶିଶୁ, ବିଦ୍ୟୁତ୍ ଯନ୍ତ୍ରଣା ଶିଶୁ ଓ ଦରଦାମ ବୃଦ୍ଧି ଶିଶୁ । ୧୦ ଶିଶୁଙ୍କ ନାମକରଣ ପରେ ସେମାନଙ୍କ ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ ଡ. ଅଜୟ କୁମାର କହିଲେ ଯେ, ଚିଟ୍‌ଫଣ୍ଡ ହେଉଛି ଏଭଳି ଏକ ଶିଶୁ ଯାହାର ତଦନ୍ତ କରିବାରେ ସିବିଆଇ ଫେଲ୍ ମାରିଛି । ୬୦ଲକ୍ଷରୁ ଅଧିକ ପରିବାର ଏହି ଦୁର୍ନୀତିର ଶିକାର ହୋଇଛନ୍ତି । କିନ୍ତୁ ବିଜେପି ଓ ବିଜେଡିର ସଲାସୁତରା ଯୋଗୁ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିପାରିନାହିଁ । ବର୍ଷ ବର୍ଷ ଧରି ତଦନ୍ତ ପରେ ମଧ ସିବିଆଇ ଫାଇନାଲ ଚାର୍ଜସିଟ୍ ଦାଖଲ କରୁନାହିଁ । ସେପଟେ ଗରିବ ଓ ମଧବିତ ପରିବାରର ଜମାକାରୀମାନେ ଜମା ଟଙ୍କା ଫେରିପାଇବାକୁ ଚାହିଁ ବସିଛନ୍ତି । ସେହିପରି ଦ୍ୱିତୀୟ ଶିଶୁ ଖଣି ଦୁର୍ନୀତିର ମଧ ସମାନ ଅବସ୍ଥା । ଶାହା କମିଶନ ଏହି ଦୁର୍ନୀତିର ସିବିଆଇ ତଦନ୍ତ ପ୍ରସ୍ତାବ ଦେଇଥିଲେ । କିନ୍ତୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଛି । ଗୁଣ୍ଡା ଶିଶୁ ଓଡ଼ିଶାରେ ନାବାଳିକା ଓ ମହିଳା ଅପହରଣ, ହତ୍ୟାକାଣ୍ଡ ଚଳାଇଛି । ଇତିଶ୍ରୀ, ପରି, ବେବିନା ଓ ମମିତା ଭଳି ଅନେକ ହତ୍ୟାକାଣ୍ଡ ଘଟିଥିଲେ ମଧ ଏଥିରେ ସମ୍ପୃକ୍ତ ମନ୍ତ୍ରୀ ଓ ବିଜେଡି ନେତାଙ୍କୁ ଦଣ୍ଡ ଦେବା ବଦଳରେ ଘଂଟ ଘୋଡ଼ାଇବାକୁ ରାଜ୍ୟ ସରକାର ପ୍ରମାଣ ନଷ୍ଟ କରିଛନ୍ତି । ପଂଚମ ଶିଶୁ ହେଉଛି ତାମିଲ ଶିଶୁ, ଯିଏକି ଓଡ଼ିଶାର ଲକ୍ଷାଧିକ ଓଡ଼ିଆ କଂଟ୍ରାକ୍ଟରଙ୍କ ପେଟକୁ ଲାତ ମାରିଛି । ଓଡ଼ିଶାର ସବୁ କାର୍ଯ୍ୟ ତାମିଲ କଂଟ୍ରାକ୍ଟର କରୁଥିବାବେଳେ ଓଡ଼ିଆ କଂଟ୍ରାକ୍ଟରମାନେ କାମ ନପାଇ ବାହାରକୁ ଯାଉଛନ୍ତି । ଷଷ୍ଠ ସନ୍ତାନ ଓଡ଼ିଶାର ଆଦିବାସୀମାନଙ୍କ ଜମି ହଡ଼ପ କରି ବାହାର ପୁିପତିମାନଙ୍କୁ ବିକ୍ରି କରୁଛି । ଏହି ଜମି ହଡ଼ପ ଶିଶୁ ଓଡ଼ିଶାର ଆଦିବାସୀ, ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଜମିକୁ ଖଣି ମାଫିଆ ଓ ବଡ଼ ବଡ଼ କମ୍ପାନିକୁ ବିକ୍ରି କରିବାରେ ସୁବିଧା ହେବ ବୋଲି ଓଡ଼ିଶା ସରକାର ଜମି ଅଧିଗ୍ରହଣ ଆଇନ ସଂଶୋଧନ କରିଛନ୍ତି । ସପ୍ତମ ସନ୍ତାନଟି ହେଉଛି ଜବ୍ ଜୁମ୍‌ଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷକୁ ୨କୋଟି ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ନବୀନ ପଟ୍ଟନାୟକ ମଧ ରାଜ୍ୟରେ ବର୍ଷକୁ ୨ଲକ୍ଷ ନିଯୁକ୍ତି ଦେବେ ବୋଲି ଘୋଷଣା କରିଥିଲେ । କିନ୍ତୁ ଉଭୟ ସରକାର ଓଡ଼ିଶାର ଯୁବବର୍ଗଙ୍କ ସହିତ ବିଶ୍ୱାସଘାତକତା କରିଛନ୍ତି । ଯୁବପିଢ଼ି କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି । ସ୍ନାତକ ଓ ସ୍ନାତକୋତର ପାସ କରିଥିବା ଯୁବକମାନେ ବାହାର ରାଜ୍ୟକୁ ଯାଇ ବାଲି, ସିମେଂଟ ବୋହୁଛନ୍ତି । ଓଡ଼ିଶାରୁ ପ୍ରାୟ ୩୦ଲକ୍ଷରୁ ଅଧିକ ଯୁବକ ଦାଦନ ଖଟିବାକୁ ଯାଇଛନ୍ତି । ଅଷ୍ଟମ ଶିଶୁଟି ସରକାରୀ ଚାକିରି ବିକ୍ରି କରୁଛି । ରାଜ୍ୟରେ ବିଭିନ୍ନ ବିଭାଗରେ ୨ଲକ୍ଷରୁ ଅଧିକ ପଦବି ଖାଲି ପଡ଼ିଥିବା ବେଳେ ବେକାରି ସମସ୍ୟା ଚିନ୍ତାର ବିଷୟ ହୋଇଛି । ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଥିଲେ ମଧ ତା'ପଛରେ ବିରାଟ ଦୁର୍ନୀତି ରହିଛି । ଶିକ୍ଷକ ନିଯୁକ୍ତି ହେଉ କି ଫରେଷ୍ଟ ଗାର୍ଡ, କୌଣସି କ୍ଷେତ୍ରରେ ମେରିଟ୍ ଲିଷ୍ଟର ଆବଶ୍ୟକତା ପଡୁନି । ପ୍ରଶ୍ନପତ୍ର ପ୍ରଘଟ ହୋଇଯାଉଛି । ଏପରିକି ପରୀକ୍ଷା ଦେଇନଥିବା ପିଲା ମଧ ଚାକିରି ପାଇଯାଉଛି । ଲକ୍ଷ ଲକ୍ଷ ଟଙ୍କା ନେଇ ସେମାନଙ୍କୁ ନିଯୁକ୍ତି ଦିଆଯାଉଛି । ଆଶ୍ଚର୍ଯ୍ୟର କଥା ପ୍ରତ୍ୟେକ ଚାକିରି ପାଇଁ ନିର୍ଦ୍ଧିଷ୍ଟ ପରିମାଣର ହାତଗୁା ନିର୍ଦ୍ଧାରିତ ହୋଇଛି । ନବମ ଶିଶୁଟି ହେଉଛି ବିଦ୍ୟୁତ୍ ଯନ୍ତ୍ରଣା । ଟାଟା ପାୱାର ଦ୍ୱାରା ପ୍ରିପେଡ୍ ମିଟର ଲଗାଯାଇ ଓଡ଼ିଶାର ଲକ୍ଷ ଲକ୍ଷ ବିଦ୍ୟୁତ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି । ଏକ ମେଗା ପାୱାର ପ୍ଲାଂଟ ପ୍ରତିଷ୍ଠା ପାଇଁ ଏକ କେନ୍ଦ୍ରୀୟ ପିଏସ୍‌ୟୁକୁ ଅନୁମତି ଦିଆଯାଇଛି, ଯେଉଁଠାରେ ଓଡ଼ିଶାର ଅଂଶ ୫୦%ରୁ ୨୫%କୁ ହ୍ରାସ କରାଯାଇଛି । ଯଦି ଏହି ଶକ୍ତି ଓଡ଼ିଶାକୁ ଦିଆଯାଇଥାନ୍ତା, ତେବେ ଉପଭୋକ୍ତାମାନେ ୟୁନିଟ୍ ପିଛା ୧ଟଙ୍କା ଲେଖାଏ ଲାଭ ପାଇଥାନ୍ତେ । ଦଶମ ସନ୍ତାନ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଇବାରେ ଲାଗିଛି । ୟୁପିଏ ସରକାର ସମୟରେ ଯେଉଁ ଗ୍ୟାସ ସିଲିଣ୍ଡର ମୂଲ୍ୟ ୪୧୦ଟଙ୍କା ଥିଲା, ତାହା ଏବେ ବଢ଼ି ୧୧୦୦ ଟଙ୍କା ହେଲାଣି । ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୫୫ଟଙ୍କାରୁ ବଢ଼ି ୧୦୦ଟଙ୍କାରୁ ଅଧିକ ହେଲାଣି । ତେଣୁ ବିଜେପି ଓ ବିଜେଡି ଔରସରୁ ଜନ୍ମ ଏହି ୧୦ ସନ୍ତାନଙ୍କୁ ଦମନ କରିବା ପାଇଁ ରାଜ୍ୟବାସୀ ଏକ ହେବା ଆବଶ୍ୟକ । ଆସନ୍ତା ନିର୍ବାଚନରେ ଓଡ଼ିଶାବାସୀ ଉଭୟ ବିଜେଡି ଓ ବିଜେପିକୁ ଉପଯୁକ୍ତ ଜବାବ ଦେବାକୁ ଡ. ଅଜୟ କୁମାର ଆହ୍ୱାନ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପ୍ରଚାର କମିଟି ମୁଖ୍ୟ ବିଜୟ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ପିସିସି ଗଣମାଧମ ଓ ଯୋଗାଯୋଗ ବିଭାଗ ଅଧକ୍ଷ ଡ. ବିଶ୍ୱରନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।